## ସଂକ୍ଷେପରେ

### ବିଡିଓ ଭାବେ ସୁମନ ସୁଧାଙ୍କ ଦାୟିତ୍ୱ ଗ୍ରହଣ

ପାତ୍ରପୁର,୧୨।୬ (ଡି.ଏନ.ଏ.): ପାତ୍ରପୁର ବ୍ଲକରେ ନୂତନ ବିଡିଓ ଭାବେ ସୁଶ୍ରୀ ସୁମନ ସୁଧା କୁଣ୍ଡୁ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି।



ପାତ୍ରପୁର ବିଡିଓ ପ୍ରକାଶ କୁମାର ଦାସ ଗଞ୍ଜାମ ଜିଲାପାଳଙ୍କ ଅଫିସକୁ ଦୀର୍ଘ ଦିନ ହେଲା ଡେପୁଟି କଲେକ୍ଟର ଭାବେ ବଦଳି ପରେ ବି ପାତ୍ରପୁର ବିଡିଓ ଭାବେ ଦାସ ଦାୟିତ୍ୱ ତୁଲାଉଥିଲେ । ସୋମବାର ତାଙ୍କଠାରୁ ନୂତନ ବିଡ଼ିଓ ଦାୟିତ୍ୱ ଗ୍ରହଣ କରିଥିଲେ । ବ୍ଲକ କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତି ମାନେ ନୂତନ ବିଡ଼ିଓଙ୍କୁ ଭେଟି ଶୁଭେଚ୍ଛା ଜଣେଇଛନ୍ତି ।

### ଥଣ୍ଡା ପାନୀୟ ଜଳ ମେଶିନ୍ ଅଚଳ, ପ୍ରତିକାର ଦାବି

ବୁଗୁଡ଼ା,୧୨।୬ (ଡି.ଏନ.ଏ.): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଯାତ୍ରୀଙ୍କ ହିତ ସାଧନ ପାଇଁ ସ୍ଥାନୀୟ ବସଷ୍ଟାଣ୍ଡରେ



ଏନ୍ଏସି ତରଫରୁ ଖୋଲାଯାଇଛି ପାନୀୟ ଜଳ ସେବା କେନ୍ଦ୍ର। ଚକାଚକ୍ ପୋଷ୍ଟର ସାଙ୍ଗକୁ ଥୁଆ ହୋଇଛି ଥଣ୍ଡା ପାନୀୟ ଜଳ ମେସିନ୍। ଗ୍ରୀଷ୍ମ ପ୍ରବାହରେ ଆଉଟୁ ପାଉଟୁ ତୃଷାର୍ତ୍ତ ଯାତ୍ରୀଟିଏ ଥଣ୍ଡା ପାଣି ମୁନ୍ଦାଏ ପାଇଁ ସେଠାକୁ ଯାଇ ଦେଖିଲା ବେଳକୁ ମେସିନରୁ ପାଣି ବାହାରୁନି। ଏଥିପ୍ରତି ନିଘା ରଖୁନି ଏନ୍ଏସି ପ୍ରଶାସନ। ଥଣ୍ଡା ପାଣି ଟିକେ ପାଇଁ ପାନୀୟ ଜଳ ସେବା କେନ୍ଦ୍ରକୁ ଯାଇ ଲୋକଙ୍କୁ ନିରାଶ ହେବାକୁ ପଡୁଛି। ଏନ୍ଏସି ପ୍ରଶାସନର ଉଦାସୀନତା ଯୋଗୁ ପାନୀୟ ଜଳ ସେବା କାର୍ଯ୍ୟ ବ୍ୟାହତ ହୋଇ ଲୋକଙ୍କ ପାଇଁ ମରିଚିକା ପାଲଟିଛି। ତେବେ ଜନହିତ ପାଇଁ ସେହି ଅଚଳ ଥଣ୍ଡା ପାନୀୟ ଜଳ ମେସିନଟିକୁ ତୁରନ୍ତ ସଜାଡିବାକୁ ସାଧାରଣରେ ଦାବି ହେଉଛି।

### କାଳୁଆଦେବୀଙ୍କ ମନ୍ଦିର ପ୍ରତିଷ୍ଠା

ବୁଗୁଡ଼ା,୧୨।୬(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଅରଖପୁର ପଞ୍ଚାୟତ ଅନ୍ତର୍ଗତ ମହୁଲପଲ୍ଲୀ ଗ୍ରାମରେ ମା' କାଳୁଆଦେବୀ ଓ ବାଇଧରଙ୍କ ନୂତନ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାରୁଣୀବାଡି, ସାନଖୋଲି, ପଙ୍କଲବାଡି, ଏକଡାଳ, ଖରିଡା, ଖମାରପଲ୍ଲୀ, ମହୁଲପଲ୍ଲୀ ଆଦି ଗ୍ରାମର ନାମ ସଂକୀର୍ତ୍ତନ ଦଳକୁ ନେଇ ୪୮ ପ୍ରହର ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଆଦି ହୋଇଥିଲା। ଦେବୀଙ୍କ ବିଗ୍ରହ ସ୍ଥାପନ କାର୍ଯ୍ୟ ପୁରୋହିତ ଜଗନ୍ନାଥ ଶତପଥି, ସରୋଜ କୁମାର ତ୍ରିପାଠୀ, ସୁକାନ୍ତ କୁମାର ରଥ, ମୋଚିରାମ ତ୍ରିପାଠୀ, ପ୍ରଦ୍ୟୁମ୍ନ ଖାଡ଼ଙ୍ଗା ପ୍ରମୁଖଙ୍କ ଦ୍ୱାରା ଯଥା ରୀତି ପୂଜାପାଠରେ ସମ୍ପାଦିତ ହୋଇଥିଲା। ହରିବନ୍ଧୁ ଜେନା, ଶ୍ୟାମ ସୁନ୍ଦର ଜେନା, ବିନୋଦ ପାତ୍ର ପ୍ରମୁଖ ଯଥାକ୍ରମେ ମା କାଳୁଆଦେବୀ ମନ୍ଦିର, ବାଇଧର ମନ୍ଦିର ଓ ହନୁମାନ ମୂର୍ତ୍ତି ପ୍ରତିଷ୍ଠା କାର୍ଯ୍ୟରେ ହୋମକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନାମଯଜ୍ଞ ଓ ଅନ୍ନଯଜ୍ଞରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ସଭାପତି କୈବଲ୍ୟ ସ୍ୱାଇଁ, ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର ଓ କୋଷାଧ୍ୟକ୍ଷ କାଳୁଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉତ୍ସବ ଶୃଙ୍ଖଳାରେ ସରିଛି।

# ଭଞ୍ଜନଗରରେ ଅସହ୍ୟ ଗରମ, ଦାଉ ସାଧୁଛି ବିଦ୍ୟୁତ୍

■ ନୂଆଗାଁ ମନ୍ଦିର ପୂଜାରୀଙ୍କ ଅଂଶୁଘାତରେ ମୃତ୍ୟୁ ଅଭିଯୋଗ
■ ତାତିରେ ବି ଅମଲା ସଂଘର ଆନ୍ଦୋଳନ ଜାରି

ଭଞ୍ଜନଗର,୧୨।୬(ଡି.ଏନ.ଏ)

ଭଞ୍ଜନଗର ଅଞ୍ଚଳରେ କିଛିଦିନ ହେଲା ତାପମାତ୍ରା ଅଧିକ ରହୁଛି। ସୋମବାର ତାପମାତ୍ରା ୪୨ ଡ଼ିଗ୍ରୀ ଥିଲେ ମଧ ୪୭ ଡ଼ିଗ୍ରୀ ଭଳି ଅନୁଭୂତ ହେଉଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ତାତି ରହୁଛି। ଏଭଳି ସ୍ଥିତିରେ ବେଲଗୁଣ୍ଠା ବ୍ଲକ ନୂଆଗାଁ ଭଗବତୀ ମନ୍ଦିର ପୂଜାରୀ ପ୍ରଫୁଲ୍ଲ କୁମାର ସାହୁ (୬୫)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଭଞ୍ଜନଗର ଥାନା ଲଣ୍ଡେଇସାହି ବାସିନ୍ଦା ପ୍ରଫୁଲ୍ଲ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ତୁଳସୀପତ୍ର ତୋଳିବାକୁ ମନ୍ଦିର ବାହାରକୁ ଯାଇଥିଲେ। ହେଲେ ଆଉ ମନ୍ଦିର ଫେରି ନ ଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ରାସ୍ତାକଡ଼ରେ ତାଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ବେଲଗୁଣ୍ଠା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି । ଗୋଟିଏ ପଟେ ଗରମରେ ଲୋକେ ଛଟପଟ ହେଉଥିବା ବେଳେ ଅନ୍ୟପଟେ ଟାଟା ପାୱାର ଦାଉ ସାଧୁଛି । ସହରରେ ବାରମ୍ବାର ବିଦ୍ୟୁତ୍ ଚାଲିଯାଉଛି। ସହରରେ ବିଦ୍ୟୁତ୍ କଟିଲେ କିଛି ସମୟରେ ସ୍ୱାଭାବିକ ହେଉଥିଲେ ମଧ ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ସେବା ସ୍ୱାଭାବିକ ହେଉନାହିଁ।ଏହାକୁ ନେଇ ଟାଟା ପାୱାର ବିରୋଧରେ ଅସନ୍ତୋଷ ବୃଦ୍ଧି ପାଉଛି । ଗରମ ଯୋଗୁ ଶର୍ଟ ସର୍କିଟ୍ ବଢ଼ୁଛି। ରବିବାର ଭଞ୍ଜନଗର ବ୍ଲକର କୁଲାଡ଼, ହରିଗଡ଼, ଶାଲୁଆପଲ୍ଲୀ ଠାରେ ଶର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଅପରପକ୍ଷେ ପ୍ରବଳ ଗରମ ସତ୍ତ୍ୱେ ଭଞ୍ଜନଗର ଉପଖଣ୍ଡ ଅମଲା ସଂଘ ପକ୍ଷରୁ ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ୧୨ଦିନ ହେଲା ଆନ୍ଦୋଳନ ଚାଲିଛି । ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି । ଆନ୍ଦୋଳନ ଯୋଗୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଜନସାଧାରଣ ମଧ୍ୟ ସରକାରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଏନେଇ ବିଭାଗୀୟ ଉଚ୍ଚ ପଦାଧିକାରୀ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହୋଇଛି ।

# ଯୁକ୍ତ ୨ରେ ୯୦ ପ୍ରତିଶତ ମାର୍କ ରଖି ଧୀରେଶ ଟପ୍ପର




ସମ୍ବର୍ଦ୍ଧିତ କରାଯାଉଛି।

ଛତ୍ରପୁର,୧୨।୬(ଡି.ଏନ୍.ଏ. )

ଗଞ୍ଜାମ ଆଲିଆବାଦ ଗ୍ରାମର ଧୀରେଶ କୁମାର ନାୟକ ମାଟ୍ରିକରେ ୪୮ ପ୍ରତିଶତ ରଖିଥିଲେ। ହେଲେ ଯୁକ୍ତ ୨ରେ ୯୦ ପ୍ରତିଶତ ମାର୍କ ରଖି ଛତ୍ରପୁର ବ୍ଲକ ଟପ୍ପର ହୋଇଛନ୍ତି । ଧୀରେଶ ଛତ୍ରପୁର ସ୍ଥିତ ଜୁପିଟର ଏଜୁକେଶନ ଇନ୍‌ଷ୍ଟିଚ୍ୟୁଟ୍‌ରେ ପଢ଼ି ଏଭଳି ସଫଳତା ହାସଲ କରିଛନ୍ତି। ସେହିପରି ଭାବେ ଏହି ଅନୁଷ୍ଠାନ ଅନ୍ୟ ୩ ଜଣ ଛାତ୍ରୀ ରାଜକୁମାରୀ ପାଢ଼ୀ ୯୧% ପ୍ରତିଶତ ଏବଂ ରିଭା ସାହୁ ୮୮% ଏବଂ ଆର୍ଟସ ବିଭାଗର ଛାତ୍ରୀ ପ୍ରାଚୀ ପଣ୍ଡା ୮୪% ମାର୍କ ରଖି ଟପ୍ପର ହୋଇଛନ୍ତି । ତେବେ ଏ ସମସ୍ତଙ୍କ ମଧ୍ୟରୁ ଧୀରେଶ କୁମାରଙ୍କୁ ନେଇ ଏବେ ଛତ୍ରପୁର ଅଞ୍ଚଳରେ ଚର୍ଚ୍ଚା। ତାଙ୍କ ବାପା ବମ୍ବେରେ କାମ କରନ୍ତି ଆଉ ଧୀରେଶ ନିଜେ ଧୂପକାଠି ବ୍ୟବସାୟକରି ପରିବାର ଚଳାଇବା ସହ ସେଥିରୁ ସମୟ କାଢ଼ି ପାଠ ପଢ଼ି ଯୁକ୍ତ୨ ବାଣିଜ୍ୟ ବିଭାଗରେ ଟପ୍ପର ହୋଇପାରିଛନ୍ତି। ଏ ନେଇ ସେ ପଢୁଥିବା ଶିକ୍ଷାନୁଷ୍ଠାନ ଜୁପିଟର ଏଜୁକେଶନ ତରଫରୁ ତାଙ୍କୁ ସମ୍ମାନିତ କରାଯାଇଛି। ଏହା ସହ ଅନ୍ୟ ଛାତ୍ରୀଛାତ୍ରଙ୍କୁ ମଧ ସମ୍ମାନିତ କରାଯାଇଥିଲା । ଏହି ସଫଳତାର ଶ୍ରେୟ ତାଙ୍କ ବାପା ମା' ଏବଂ ଗୁରୁ ଏବଂ ଜୁପିଟର ଶିକ୍ଷାନୁଷ୍ଠାନର ମୁଖ୍ୟ ସୁଧୀର ସାହୁଙ୍କ ପାଇଁ ସମ୍ଭବପର ହୋଇପାରିଛି ବୋଲି ଧୀରେଶ କହିଛନ୍ତି। ଏହି ସମ୍ମାନିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ କିଶୋର ଚନ୍ଦ୍ର ବେହେରା, ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର କୁମାର ପଣ୍ଡା ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ

# ଆସିଲେନି ଜିଲାପାଳ, ଅଭିଯୋଗ ଶୁଣିଲେ ପିଡି ଓ ଏସ୍‌ପି

ଦାରିଙ୍ଗବାଡ଼ି,୧୨।୬ (ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହଠାରେ ସୋମବାର କନ୍ଧମାଳ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। କିନ୍ତୁ କୌଣସି କାରଣ ଯୋଗୁ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଦାରିଙ୍ଗବାଡି ପହଞ୍ଚି ନ ଥିଲେ। ଏଥିପାଇଁ କନ୍ଧମାଳ ଡିଆର୍‌ଡିଏର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ରଣଜିତ ଅଭିଯୋଗ ଶୁଣାଣି ପ୍ରାୟ ଦେଢ଼ ଘଣ୍ଟା ବିଳମ୍ବରେ ଆରମ୍ଭ କରିଥିଲେ। ସେହିପରି ଆରମ୍ଭ ହେବାର କିଛି ସମୟ ମଧ୍ୟରେ କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ପହଞ୍ଚି ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୫୦ଟି ଅଭିଯୋଗର ଶୁଣାଣି ରହିଥିବା ବେଳେ ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୨୪ଟି ଓ ସାମୂହିକ ୨୬ଟି ଅଭିଯୋଗ ରହିଥିଲା। ଅନେକ ଗ୍ରାମରେ ମୋବାଇଲ ନେଟ୍‌ୱର୍କ ନ ଥିବା ବେଳେ କିଛି ପଞ୍ଚାୟତରେ ନେଟ୍‌ୱର୍କ ସ୍ଥାପନ କରାଯାଇଥିଲେ ସୁଦ୍ଧା ତାକୁ କାର୍ଯ୍ୟକ୍ଷମ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ସେହିପରି ଇକୋ ରିଟ୍ରିଟ୍ ସରିବା ପରେ ସେଠାକାର ବର୍ଜ୍ୟବସ୍ତୁକୁ ଏଣେତେଣେ ଫିଙ୍ଗାଯାଇଥିଲା ତାକୁ ଅଞ୍ଚଳରେ ଗାଈ, ବଳଦ ଖାଇ ମୃତ୍ୟୁବରଣ କରିଥିଲେ ସୁଦ୍ଧା ଗାଈ ମାଲିକମାନଙ୍କୁ ଏବେ ସୁଦ୍ଧା କୌଣସି କ୍ଷତିପୂରଣ ଦିଆଯାଇନାହିଁ । ଏହାକୁ ନେଇ ଗାଈ ମାଲିକମାନେ ଲିଖିତ ଅଭିଯୋଗ ଶୁଣାଇଥିଲେ। ସେହିପରି ଦାରିଙ୍ଗବାଡି ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ କେହି ସ୍ଥାୟୀ ଅଧିକାରୀ ନ ଥିବା ବେଳେ ବାଲିଗୁଡା ଉଦ୍ୟାନ ବିଭାଗ ଅଧିକାରୀ ଦାରିଙ୍ଗବାଡ଼ିରେ ରହୁଥିବାରୁ ଅନେକ ପନିପରିବା ଚାଷୀ ଏବଂ ଆମ୍ବଚାଷୀଙ୍କ ପ୍ରାପ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ଶୁଣାଣିରେ ବିଡିଓ ଗଦାଧର ପାତ୍ର, ତହସିଲଦାର ଡ. ଅଶୋକ କୁମାର ଦାସ, ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ଆଇଆଇସି କୌଶିକ ମାଝି ପ୍ରମୁଖ ଦାରିଙ୍ଗବାଡି ହେଲିପ୍ୟାଡ୍ ପଡିଆରେ ପହଞ୍ଚିଥିଲେ। ସେଠାରେ ଆସନ୍ତା ୧୭ରେ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ଗସ୍ତ ରହିଥିବାରୁ ପଡିଆରେ ହେଲିକପ୍ଟର ଓହ୍ଲାଇବା ସ୍ଥାନ ସହ ସଭାସ୍ଥଳ ଆଦି ବୁଲି ଦେଖିଥିଲେ।



ପାଣ୍ଡିଆନଙ୍କ ଗସ୍ତ ନେଇ ଏସ୍‌ପିଙ୍କ ହେଲିପ୍ୟାଡ୍ ପଡିଆ ପରିଦର୍ଶନ ।

# ନାଟେଙ୍ଗା ରଘୁନାଥ ମନ୍ଦିର ଜମି ଜବରଦଖଲ ଅଭିଯୋଗ

ଭଞ୍ଜନଗର,୧୨।୬(ଡି.ଏନ.ଏ)

ରାଜ୍ୟ ସରକାରଙ୍କ ଦେବୋତର ବିଭାଗ ଅଧୀନରେ ଭଞ୍ଜନଗର ଅଞ୍ଚଳରେ ବିଭିନ୍ନ ମନ୍ଦିର ନାମରେ ଥିବା ସରକାରୀ ଜମି ଗୁଡ଼ିକୁ ଅନେକ ଲୋକେ ଜବରଦଖଲ କରି ରଖିଛନ୍ତି। ଦେବୋତର ବିଭାଗ କିମ୍ବା ରାଜସ୍ୱ ବିଭାଗ ପକ୍ଷରୁ ଏନେଇ କୌଣସି କଡ଼ା ପଦକ୍ଷେପ ନିଆଯାଉନାହିଁ। ତେଣୁ ଦିନକୁ ଦିନ ଜବରଦଖଲକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହିଭଳି ନାଟେଙ୍ଗା ରଘୁନାଥ ମନ୍ଦିର ନାମରେ ଗାମୁଣ୍ଡି, ବାଉଁଶଲୁଣ୍ଡି, ବଡ଼କୋଦଣ୍ଡା ପ୍ରମୁଖ ଅଞ୍ଚଳରେ ବହୁ ମୂଲ୍ୟବାନ ଜମିକୁ ଜବରଦଖଲକାରୀମାନେ ଜବରଦଖଲ କରିନେଲେଣି । ଆଉଁ କେଉଁଠି ମନ୍ଦିର ଜମିକୁ ବେନିୟମ ଭାବେ ଅନ୍ୟମାନଙ୍କ ନାମରେ ପଟା କରାଯାଇଥିବା ଅଭିଯୋଗ ହୋଇଛି। ବିଶ୍ୱ ହିନ୍ଦୁ ପରିଷଦ ନେତା ମୁରଲୀଧର ପଣ୍ଡାଙ୍କ ନେତୃତରେ ସୋମବାର ନାଟେଙ୍ଗା ଗ୍ରାମବାସୀ ଭଞ୍ଜନଗର ତହସିଲଦାର ଅଚ୍ୟୁତାନନ୍ଦ ଜାନିଙ୍କୁ ଭେଟି ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ରାଜସ୍ୱ ବିଭାଗ ତୁରନ୍ତ ଦାବିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।



ଗ୍ରାମବାସୀ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ଆରୋଗ୍ୟ ପ୍ଲସ ଷ୍ଟିୟରିଂ କମିଟି ବୈଠକ

ଆର.ଉଦୟଗିରି,୧୨।୬(ଡି.ଏନ.ଏ.)

ପିସ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଆରୋଗ୍ୟ ପ୍ଲସ ତରଫରୁ ପରିମଳ ପଞ୍ଚାୟତ ସଭା ଗୃହଠାରେ ଷ୍ଟିୟରିଂ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖଜୁରିପଦା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.ଏମ୍ ଶିବରାମ, ସମ୍ମାନିତ ଅତିଥି ଭାବେ ବିପିଏମ୍ ଶ୍ରୀନିବାସ ପଟ୍ଟନାୟକ, ଏସ୍ଆଇ ଶିବଶଙ୍କର ଭୂୟାଁ, ସୁନ୍ଦରଡୟଙ୍ଗ ସରପଞ୍ଚ ପ୍ରେମ ରଇତ, କିରାମା ସରପଞ୍ଚ ସିମୀୟ ମଣ୍ଡଳ, ଅନୁଗୁରୁ ସରପଞ୍ଚ ନମିତା ଦଳବେହେରା, ଉଦୟପୁର ସରପଞ୍ଚ ଅବିମଏଲ ଗମାଙ୍ଗ, ପରିମଳ ସରପଞ୍ଚ ଉମା ଶଙ୍କର କାର୍ଜୀ, ପିସ ଅନୁଷ୍ଠାନର ସଭାପତି ଭିକାରି ଚରଣ ବେହେରା, ଆରୋଗ୍ୟ ପ୍ଲସର ଡ.ନିକୁଞ୍ଜ ବିହାରୀ ପଣ୍ଡା, ଫାର୍ମାସିଷ୍ଟ ବାଲାଜୀ ତ୍ରିପାଠୀ, ଏଏନ୍ଏମ ସୁମିତ୍ରା ରଞ୍ଜନୀ ରାଉଳ, ପିସ ଅନୁଷ୍ଠାନର ସଂଯୋଜକ ଅଦ୍ୟପଦ ମୋହନ୍ତ, ଖଜୁରୀପଦା ସ୍ଥିତ ମା ଗୃହର ରାଜେଶ୍ୱରୀ କବି, ସଞ୍ଜିତା ଭୂୟାଁ, ଉପସ୍ଥିତ ଥିଲେ। ଆରୋଗ୍ୟ ପ୍ଲସ ପ୍ରୋଜେକ୍ଟ ପାଇଁ ଆର୍ଥିକ ବର୍ଷ ୨୦୦୨୩-୨୦୨୪ ନିମନ୍ତେ ଏକ ମାଇକ୍ରୋ ପ୍ଲାନ ପ୍ରସ୍ତୁତି ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ସରପଞ୍ଚ ଏବଂ ଅନ୍ୟାନ୍ୟ ସଦସ୍ୟ ମାନଙ୍କର ମତ ନେଇ ମାସର ୨୨ ଦିନ କେଉଁ ବାର, କେଉଁ ଜାଗାରେ ହେଲଥ କ୍ୟାମ୍ପ କରାଯିବ ଏବଂ କେଉଁ କେଉଁ ଗ୍ରାମ ଗୁଡ଼ିକୁ ହେଲଥ କ୍ୟାମ୍ପ ପାଇଁ ନିଆଯିବ ତାହା ସହିତ କେଉଁ ଗ୍ରାମ ଗୁଡ଼ିକୁ ଟେଗ ଭିଲେଜ ରୂପେ ନିଆଯିବ ସେସବୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶେଷରେ ସମସ୍ତଙ୍କ ମତାମତ ନେଇ ଏକ ମାଇକ୍ରୋପ୍ଲାନ ପ୍ରସ୍ତୁତ କରଯାଇଥିଲା ଏବଂ ଏହାର ଏକ ପ୍ରିଣ୍ଟ କପି ଦେବା ନିମନ୍ତେ ଆରୋଗ୍ୟ ପ୍ଲସ ଡାକ୍ତରଙ୍କୁ ବୈଠକରେ ଅନୁରୋଧ କରାଯାଇଥିଲା। ମା ଗୃହର ଏଲଏଚଏ ମାନେ ଉପସ୍ଥିତ ରହି ମା ଗୃହର କାର୍ଯ୍ୟାବଳି ଉପରେ ବିଶେଷ ଆଲୋକପାତ କରିଥିଲେ ଏବଂ ସମସ୍ତ ସ୍ୱାସ୍ଥ୍ୟ କର୍ମୀମାନେ ସରପଞ୍ଚ ମାନଙ୍କ ସହିତ ସେହିଦିନ ଶପଥ ନେଇଥିଲେ କି ଯେଉଁ ଭଳି ଆମ ଅଞ୍ଚଳରେ କୌଣସି ଗର୍ଭବତୀଙ୍କୁ ଘରୋଇ ପ୍ରସବ କରାଇ ଦେବା ନାହିଁ। ମେଡିକାଲରେ ସମସ୍ତ ଗର୍ଭବତୀଙ୍କୁ ପ୍ରସବ କରାଇବା ପାଇଁ ଚେଷ୍ଟିତ ରହିବା।

# କ୍ରିକେଟ ଟୁର୍ନାମେଣ୍ଟ: ବୁଗୁଡ଼ା ଚାମ୍ପିୟନ

ପୋଲସରା,୧୨।୬(ଡି.ଏନ.ଏ.)

ସ୍ଥାନୀୟ ଲୁଣିଘାଟି ପଡ଼ିଆରେ ଦୁଇଦିନିଆ କ୍ରିକେଟ ଟୁର୍ନାମେଣ୍ଟ ହଙ୍ଗାମା ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ।ଉଦଘାଟନୀରେ ଏନଏସିର ପୂର୍ବତନ ନଗରପାଳ ପ୍ରଫୁଲ୍ଲ ପ୍ରଧାନ, ଏନଏସି ଉପାଧକ୍ଷା ସନ୍ତୋଷ ବେହେରା, ଏମ୍‌ପି ପ୍ରତିନିଧି ମୋତିରାମ ସାହୁ, ପୋଲସରା ବ୍ଲକ୍ ଅଧକ୍ଷା ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ବୁଗୁଡ଼ା ବ୍ଲକ୍ ଅଧକ୍ଷା ପ୍ରତିନିଧି କୁନା ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ଦିବସରେ ଟୁର୍ନାମେଣ୍ଟରେ ଭାଗ ନେଇଥିବା ୧୬ଟି ଦଳ ମଧ୍ୟରେ ନକ୍‌ଆଉଟ ପର୍ଯ୍ୟାୟରେ ୬ ଓଭର୍ ବିଶିଷ୍ଟ ମ୍ୟାଚ୍ ହୋଇଥିଲ। ବୁଗୁଡ଼ା ଓ ସୋତକ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିବା ବେଳେ ବୁଗୁଡ଼ା ଚମ୍ପିୟାନ ହୋଇଥିଲା। ବିଧାୟକ ସାହୁ ଉଦଯାପନୀ ଉତ୍ସବରେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଗୋପବନ୍ଧୁ କ୍ରିକେଟ କ୍ଲବର ସଭାପତି ତାରକ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଟୁର୍ନାମେଣ୍ଟରେ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କ୍ଲବର ସମ୍ପାଦକ ଅଭିମନ୍ୟୁ ପ୍ରଧାନ, ଗଣେଶ ଖଟେଇ, ସିଟୁ ମହାପାତ୍ର, ବିନୋଦ, ଦୀପକ, ଲିଟନ୍, ଯଜ୍ଞ ପାଣିଗ୍ରାହି, ଚିଉ ପାଣିଗ୍ରାହିଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ହାତୀଓଟ ମିନି ଷ୍ଟାଡିୟମ ଠାରେ ମଧୁବାବୁ କ୍ରିକେଟ ଟୁର୍ନାମେଣ୍ଟ, ହାତୀଓଟ ଗ୍ରାମ ଖେଳ ପଡ଼ିଆ ଠାରେ ଜି.ପି.ଏଲ୍ ସେସନ-୨ କ୍ରିକେଟ୍ ଟୁର୍ନାମେଣ୍ଟକୁ ବିଧାୟକ ସାହୁ ଉଦଘାଟନ କରିଥିଲେ।

# ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

ପାରଳାଖେମୁଣ୍ଡି,୧୨।୬(ଡି.ଏନ୍.ଏ.)

ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସୋମବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଉପଲକ୍ଷେ ଏକ ସଚେତନତା ଶିବିର ଗୋଷାଣୀ ବ୍ଲକ ଅନ୍ତର୍ଗତ ବି.ସୀତାପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ବିଚାର ବିଭାଗୀୟ ଅଧିକାରୀ ତଥା ବରିଷ୍ଠ ଦେୱାନୀ ସନ୍ତୋଷ କୁମାର ଅଗ୍ରୱାଲ ଯୋଗଦେଇ ଏହି କାର୍ଯ୍ୟକ୍ରମ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲିଗାଲ ପ୍ରବେଶନର ଅଧିକାରୀ ଡି. ମଲ୍ଲିକ, 'ପ୍ରାଉଡ'ର ଅଧକ୍ଷକ ଶର୍ମିଷ୍ଠା ଭୁକ୍ତା ପ୍ରମୁଖଙ୍କ ସମେତ ଅନୁଷ୍ଠାନର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁମାନଙ୍କୁ କିଭଳି କମ୍ ମଜୁରି ଦେଇ ଶାରୀରିକ ଓ ମାନସିକ ଭାବେ ଶୋଷଣ କରାଯାଇଥାଏ ଏବଂ ଉଦ୍ଧାର ହେବାପରେ ସେମାନଙ୍କୁ କିପରି ଥଇଥାନ କରାଯାଏ ସେ ଉପରେ ଆଲୋକପାତ କରିଥିଲେ।

# ଅମଲା ସଂଘର ସମୂହ ଛୁଟି ନେଇ ସାମ୍ବାଦିକ ସମ୍ମିଳନୀ

ପାରଳାଖେମୁଣ୍ଡି, ୧୨।୬(ଡି.ଏନ୍.ଏ.)

ବିଭିନ୍ନଦାବିନେଇଅମଲାକର୍ମଚାରୀମାନେ ୨୭।୧୧।୨୦୨୨ରିଖରେ ରାଜ୍ୟ ରାଜଧାନୀରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା । ଆଶା ଥିଲା ସରକାର ଏହି ଅବହେଳିତ ବର୍ଗ କର୍ମଚାରୀଙ୍କ ସମସ୍ୟାକୁ ସମାଧାନ କରିବେ। କିନ୍ତୁ ମାର୍ଚ୍ଚ ୨୦୨୩ ଯାଏ ଏହା ସମାଧାନ ନ ହେବାରୁ କର୍ମଚାରୀ ସଙ୍ଗଠନଗୁଡ଼ିକ ୦୩।୦୪।୨୦୨୩ରେ ଭୁବନେଶ୍ୱରସ୍ଥ ଗୀତଗୋବିନ୍ଦ ଭବନରେ ଏକାଠି ହୋଇ ସରକାରଙ୍କୁ ଅନୁରୋଧ ଜଣାଇଥିଲେ। ପୁଣିଥରେ ଏପ୍ରିଲ ୨୧ରେ ଆଉ ଏକ ସ୍ମାରକପତ୍ରରେ ଦାବିକୁ ସମାଧାନ କରିବା ପାଇଁ ଅନୁରୋଧ ଜଣାଇଥିଲେ । କିନ୍ତୁ ସମସ୍ୟାର ସମାଧାନ ନ ହେବାରୁ ମେ୧ ତାରିଖରେ ସରକାରଙ୍କୁ ଏକ ଚରମପତ୍ର ମାଧ୍ୟମରେ ମେ ୨୧ ସୁଦ୍ଧା ଘଟଣାର ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ । ସମାଧାନ ନ ହେଲେ ଗଣତାନ୍ତ୍ରିକ ପନ୍ଥାରେ କଳାବ୍ୟାଜ୍ ପରିଧାନ କରିଥିଲେ। କିନ୍ତୁ କୌଣସି ସମାଧାନର ରାସ୍ତା ନ ବାହାରିବାରୁ ଜୁନ୧୦ାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟି ମାଧ୍ୟମରେ ପ୍ରତିବାଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ଜୁନ୍ ୨ ଏବଂ ୬ରେ ରାଜ୍ୟର ମୁଖ୍ୟ ଶାସନଙ୍କ ସହ କର୍ମଚାରୀ ସଂଘ ପ୍ରତିନିଧିମାନଙ୍କର ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିଲେ ହେଁ ସମାଧାନର କୌଣସି ନିଷ୍କର୍ଷ ବାହାରି ପାରିଲା ନାହିଁ । ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶକୁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇ ଜିଲାରୁ ୨୦୦ରୁ ଅଧିକ କର୍ମଚାରୀ ନେତା ଏଥିରେ ଅଂଶଗ୍ରହଣ କରିଥିଲେ। ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଗଲା ଯେ, ସରକାର ଯେଉଁ ପର୍ଯ୍ୟନ୍ତ କନିଷ୍ଠ ସହାୟକଙ୍କ ଗ୍ରେଡ୍ ପେ ୪୨୦୦ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ । ଏ ନେଇ ଏକ ଖବରଦାତା ସମ୍ମିଳନୀରେ ସରକାର ଅମଲାଙ୍କ ଦାବି ପ୍ରତି ସହୃଦୟତାର ସହିତ ବିଚାରକରି ଶୀଘ୍ର ଦାବି ପୂରଣ କରନ୍ତୁ ବୋଲି ଅମଲାମାନେ କହିଛନ୍ତି।




ବୈଠକରେ ଉପସ୍ଥିତ ଅମଲା ସଂଘର କର୍ମକର୍ତ୍ତା ।

# ଦିବ୍ୟାଙ୍ଗଙ୍କୁ ହତ୍ୟା ଧମକ, ଥାନାରେ ଏତଲା

ଗଞ୍ଜାମ,୧୨।୬(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ସୁବଲୟା ପଞ୍ଚାୟତର ବାହାଡାପଲ୍ଲୀ ଗ୍ରାମର ଭିନ୍ନକ୍ଷମ ବରିଷ୍ଠ ନାଗରିକ ବଂଶୀଧର ଦାସ (୬୩)ଙ୍କୁ ହାତ୍ୟା ଧମକ ମିଳିଥିବା ଅଭିଯୋଗ ହୋଇଛି। ତାଙ୍କ ସ୍ତ୍ରୀ ଓ ଝିଅକୁ ଆକ୍ରମଣ କରିବାକୁ ଗୋଡ଼ାଇବା ସହ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଦିବ୍ୟାଙ୍ଗ ବ୍ୟକ୍ତି ବଂଶୀଧରଙ୍କ ଦୁଇଟି ଯାକ ଗୋଡ଼ ପୋଲିଓରୁ କାମ ଦେଉନାହିଁ। ତଥାପି ସେ ନିଜସ୍ୱ ଅର୍ଥରେ ନିଜର ଜାଗାରେ ବାଉଣ୍ଡରି ମଧରେ ବୋରୱେଲ କରି ସଶ୍ୟ ଉତ୍ପାଦନ ପାଇଁ ଉଦ୍ୟମ କରି ଦୁଇ ପଇସା ରୋଜଗାର କରି ନିଜ ପରିବାରକୁ ପ୍ରତିପୋଷଣ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଉକ୍ତ ଜାଗାର ପଡୋଶୀଙ୍କ ଆକ୍ରୋଶର ଶିକାର ହୋଇଥିବା ଗଣମାଧମକୁ କହିଛନ୍ତି। ତାଙ୍କର ବୋର ମେସିନକୁ ଭାଙ୍ଗି ଦେବା ସହ ପାଇଖାନା ଓ ପାଚେରୀକୁ ଭାଙ୍ଗି ନଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଦେଢ଼ ଲକ୍ଷ ଟଙ୍କାର କ୍ଷତି ହୋଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପଟେ ବିଭିନ୍ନ ସମୟରେ ଗାଳି ଗୁଲଜ କରିବା ସହ ମୋ ପରିବାରକୁ ଭୟଭୀତ କରାଯାଉଥିବା କହିଛନ୍ତି ବଂଶୀଧର। ଏ ନେଇ ରମ୍ଭା ଥାନା ଅଧିକାରୀ ପି. ସ୍ୱରୂପ କିଷନଙ୍କୁ ଯୋଗାଯୋଗ କରିବାରେ ଉକ୍ତ ଜାଗାର କାଗଜ ପତ୍ର ନଥିବା ପ୍ରକାଶ କରିଛନ୍ତି।

# ବିଭିନ୍ନ ଦାବି ନେଇ ଅଙ୍ଗନୱାଡି କର୍ମଚାରୀ ସଂଘର ଧାରଣା



ଅଙ୍ଗନୱାଡି ୱାର୍କର ସଂଘର ଧାରଣା ।

ଝୁମୁଡିବନ୍ଧ,୧୨।୬(ଡି.ଏନ.ଏ.)

ଝୁମୁଡିବନ୍ଧ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଅଙ୍ଗନୱାଡି କର୍ମଚାରୀ ସଂଘ ଝୁମୁଡିବନ୍ଧ ଶାଖା ପକ୍ଷରୁ ୧୦ ଦଫା ଦାବି ନେଇ ଧାରଣାରେ ବସିଥିଲେ। ଦାବି ମଧ୍ୟରେ ମଧ୍ୟାହ୍ନ ଭୋଜନର ଚାଉଳ ଠିକ ଭାବରେ ମିଳୁନାହିଁ, ଆଠମାସର ସୋପାନ ଟଙ୍କା ମିଳିନାହିଁ, ଗ୍ୟାସ ବାବଦରେ ଆସିଥିବା ଟଙ୍କା ଅଫିସରେ ପୈଠ ୪ ମାସ ହେବ ଗ୍ୟାସ ମିଳିନାହିଁ, ଏସ୍ଏନ୍‌ପି ଟଙ୍କା ଠିକ ସେ ମିଳିନାହିଁ, ତିନି ବର୍ଷ ହେଲାଣି ଶାଢ଼ୀ ଟଙ୍କା ମିଳିନାହିଁ, ପଡ଼ିକିଆରେ କାର୍ଯ୍ୟରତ କର୍ମୀ ୭ମାସର ଦରମା ଭଳି ୧୦ ଦଫା ସମ୍ବଳିତ ଦାବି ତଳଦିନରେ ସିଡିପିଓଙ୍କୁ ଲିଖିତ ଅଭିଯୋଗ ଦେଇ ଥିବାବେଳେ ଆଜି ଯାଏ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇନଥିବା ନେଇ ସଂଘର ସମସ୍ତ କର୍ମଚାରୀ ବସିଛୁ ଦାବିପୁରଣ ନହେବା ଯାଏ ଏହି ଧାରଣା ଜାରି ରହିବ ବୋଲି ସଭାନେତ୍ରୀ ଶର୍ମିଷ୍ଠା ନାୟକ କହିଛନ୍ତି। ତେବେ ଝୁମୁଡିବନ୍ଧ ସମନ୍ୱିତ ଶିଶୁ ବିକାଶ ଅଧିକାରୀ କ୍ରିଷ୍ଣା କୁମାରୀ ବେହେରାଙ୍କୁ ପଚାରିବାରୁ ସେ ଚାଉଳ ଯୋଗାଣରେ ଠିକା ନେଇଥିବା ସଂସ୍ଥା ଯୋଗାଇବାରେ ବ୍ୟତିକ୍ରମ କରୁଛି। ସେ ବାବଦରେ ଉପର ଅଧିକାରୀଙ୍କୁ ଜଣାଇଛୁ। ପଡ଼ିକିଆରେ କାର୍ଯ୍ୟରତ ୱାର୍କରଙ୍କ ୭ମାସର ଦରମାରୁ ତିନି ମାସର ଦରମା କରାଯାଇଛି ତାହା ତାଙ୍କ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଜମା ଖାତାରେ ଜମା କରାଯାଇଛି। ଅବଶିଷ୍ଟ ଦରମା କରାଯିବା ସହିତ ଅନ୍ୟ ଦାବି ଗୁଡ଼ିକ ବିଚାର କରି ପୁରାଣ କରାଯିବ ବୋଲି କହିଛନ୍ତି। ହେଲେ ପଡ଼ିକିଆ ୱାର୍କର କୁହନ୍ତି ବେବର୍ତ୍ତା ଦରମା ପାଇଁ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟର ଜମା ଖାତା ଅଫିସରେ ଦାଖଲ ଥିବା ବେଳେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଆକାଉଣ୍ଟରେ କେମିତି ଜମା ହେଲା ତାହା ଆଶ୍ଚର୍ଯ୍ୟ ଲାଗୁଛି ବୋଲି କହିଛନ୍ତି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ବେଦ ପ୍ରବଚନ। ସ୍ଥାନ-ଗିରି ରୋଡ, ସମୟ-ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ଦ୍ୱିତୀୟ ଦିନରେ କ୍ରାଇମବ୍ରାଞ୍ଚର ତଦନ୍ତ ଜାରି
**ସୌଦାମିନୀ ମୃତ୍ୟୁ ମାମଲା**

**ପାରଳାଖେମୁଣ୍ଡି,୧୨।୬(ଡି.ଏନ୍.ଏ.):** ନବଦୋୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀଙ୍କ ମୃତ୍ୟୁ ମାମଲାରେ ସୋମବାର ଦ୍ୱିତୀୟ ଦିନରେ କ୍ରାଇମବ୍ରାଞ୍ଚର ତଦନ୍ତ ଜାରି ରହିଛି । ରବିବାର କାଶୀନାଗର ଯାଇ ମୃତ ଛାତ୍ରୀଙ୍କ ପିତାମାତାଙ୍କ ସହ ତାଙ୍କ ଜଣେ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରିଥିଲେ। ସୋମବାର ସକାଳୁ ମୃତ ଛାତ୍ରୀଙ୍କ ମାଁ ଶୁଙ୍ଖାନୀ ଗମାଙ୍ଗ ଓ ତାଙ୍କ ସାନ ଭଉଣୀଙ୍କୁ ପାରଳାଖେମୁଣ୍ଡି ସ୍ଥିତ ସର୍କିଟ ହାଉସ ଡାକି ଘଟଣା ଦିନର ସମସ୍ତ ତଥ୍ୟ ପୁଙ୍ଖାନୁପୁଙ୍ଖ ପଚାରି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ । ଏହାପରେ ଜବହାର ନବଦୋୟ ବିଦ୍ୟାଳୟ ଯେଉଁଠି ସୌଦାମିନୀଙ୍କ ମୃତ୍ୟୁ ଘଟିଥିଲା ଘଟଣାସ୍ଥଳ ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ରାଇମ ବ୍ରାଞ୍ଚର ୪ଜଣିଆ ଟିମ ଘଟଣାସ୍ଥଳ ଓ ସୌଦାମିନୀ ରହୁଥିବା ହଷ୍ଟେଲ ଓ ସେଠାକାର କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ଘଟଣା ସ୍ଥଳ ପରିଦର୍ଶନ ପରେ ସୌଦାମିନୀଙ୍କ ସମସ୍ତ ଜିନିଷ ତାଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରିଛନ୍ତି।

### ଗୋଚ୍ଛାପଡ଼ା ଏସ୍‌ବିଆଇରେ ଅଗ୍ନିକାଣ୍ଡ

**ଫୁଲବାଣୀ ଅଫିସ/ଗୋଚ୍ଛାପଡା, ୧୨।୬:** ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଅଞ୍ଚଳରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ରବିବାର ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ରେକର୍ଡ ରୁମ ସମ୍ପୂର୍ଣ୍ଣ ଜଳିଯାଇଛି। ଶନିବାର ଏବଂ ରବିବାର ଦୁଇ ଦିନ ବ୍ୟାଙ୍କ ବନ୍ଦ ଥିଲା। ସକାଳୁ କିଛି ଲୋକ ବ୍ୟାଙ୍କ ଭିତରୁ ଧୂଆଁ ବାହାରୁଥିବା ଦେଖି ଫିରିଙ୍ଗିଆ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ପ୍ରଥମେ ଫିରିଙ୍ଗିଆ ଓ ପରେ ଫୁଲବାଣୀରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ରେକର୍ଡ ରୁମରେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସମେତ କମ୍ପ୍ୟୁଟର ଓ ଅନ୍ୟାନ୍ୟ ଆସବାବପତ୍ର ଜଳି ନଷ୍ଟ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ବ୍ୟାଙ୍କ ଶାଖା ପ୍ରବନ୍ଧକ ପ୍ରଦୀପ କୁମାର ମେହେରଙ୍କ ସହ ଗୋଛାପଡା ସରପଞ୍ଚ ଯୁଗାନ୍ତ କହଁର, ସ୍ଥାନୀୟ ପୋଲିସ, ଗୋଛାପଡା ସ୍ୱେଚ୍ଛାସେବୀ ସଙ୍ଗଠନ ଆପଦ ମିତ୍ରର କର୍ମକର୍ତ୍ତା ଓ ସ୍ଥାନୀୟ ବାସିନ୍ଦା ନିଆଁ ଲିଭାଇବାରେ ସହଯୋଗ କରିଥିଲେ ।

### ଉଦ୍ୟୋଗୀ ସୃଷ୍ଟି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର,୧୨।୬:** ସ୍ଥାନୀୟ ଗୀତା ଭବନ ନିକଟସ୍ଥ ଟିଏନ୍‌ଟି ଦକ୍ଷତା ବିକାଶ କେନ୍ଦ୍ର ପକ୍ଷରୁ ଚାଲିଥିବା ଉଦ୍ୟୋଗୀ ସୃଷ୍ଟିକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଉଦଯାପିତ ହୋଇଯାଇଛି। ଏଥିରେ ଟିଏନ୍‌ଟି ଦକ୍ଷତା ବିକାଶ କେନ୍ଦ୍ରର ଅଧକ୍ଷ ଅଜୟ ଦ୍ୱିବେଦୀ ଅଧକ୍ଷତା କରିଥିଲେ। ଓଡ଼ିଶା ଉଦ୍ୟୋଗୀ ବିକାଶ ଶିକ୍ଷାନୁଷ୍ଠାନର ସଂଯୋଜକ ଅମ୍ଲାନ ଶତପଥୀ ମୁଖ୍ୟ ଅତିଥି, ଜିଲା ଶିଳ୍ପ କେନ୍ଦ୍ର କାର୍ଯ୍ୟକ୍ରମ ଉପସ୍ଥାପକ ସାଇ ଚନ୍ଦନ ବିଷୋୟୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ୧୨ ଦିନିଆ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୩୦ ଜଣ ଯୁବତୀ ଯୁବକଙ୍କୁ ଉଦ୍ୟୋଗୀ ହେବା, ବ୍ୟବସାୟ, ଡିଜିଟାଲ ମାର୍କେଟ, ଜିଏସ୍‌ଟି, ନୂତନ ଉଦ୍ୟୋଗୀଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ଥିବା ପିଏମଜିପି, ପିଏମଏଫ୍‌ଏମ, ମୁଦ୍ରା ସମେତ ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଯାଇଥିଲା। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଉଦ୍ୟୋଗୀକରଣ ମାନପତ୍ର ଦିଆଯାଇଥିଲା। ଟିଏନ୍‌ଟିର ସଂଯୋଜିକା ଟି. ଶିବାନୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ

**କବିସୂର୍ଯ୍ୟନଗର,୧୨।୬ (ଡି.ଏନ୍.ଏ.):** କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ସୋମବାର ୫ଟି ପ୍ରକଳ୍ପ ଓ ଏନ୍‌ଏସିର ଦୁଇଟି ଗାଡିର ଶୁଭାରମ୍ଭ ହୋଇଯାଇଛି। ସେ ମଧ୍ୟରୁ ୱାର୍ଡ ନଂ. ୭ ଓ ୱାର୍ଡ ନଂ. ୧୨ ସ୍ଥିତ ସ୍ମାର୍ଟ ଶ୍ମଶାନ, ୱାର୍ଡ ନଂ. ୭ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଓ ଗୋଷ୍ଠୀ କେନ୍ଦ୍ର, ୱାର୍ଡ ନଂ. ୧୩ ମିଶନ ଶକ୍ତି ଗୃହ ଓ ୱାର୍ଡ ନଂ. ୧୨ସ୍ଥିତ ଆହାର କେନ୍ଦ୍ର ରୋଷେଇଗୃହ ଫଳକ ଲଗାଇ ବିଧାୟିକା ଶୁଭାରମ୍ଭ କରିଥିଲେ। ବିଧାୟିକାଙ୍କ ହାତ ପାଣ୍ଠିରୁ ୱାର୍ଡ ନଂ. ୧୨ରେ ୪ଲକ୍ଷ ବ୍ୟୟରେ ନାମ ମଣ୍ଡପ ଓ ଏନ୍‌ଏସି ପରିମଳରେ ବ୍ୟବହାର ଲାଗି ଦୁଇଟି ଗାଡ଼ିର ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷା ଏସ. ଲକ୍ଷ୍ମୀ ସେଠୀ, ଉପାଧକ୍ଷ ବିକ୍ରାନ୍ତ କୁମାର ସାହୁ, ବିଧାୟିକା ପ୍ରତିନିଧି ମନୋରଞ୍ଜନ ମହାପାତ୍ର, କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ସଭାପତି ରସଲ ଦାସ, କାଉନସିଲର ଦେବିପ୍ରସାଦ ସ୍ୱାଇଁ, ବିପିନ ବିହାରୀ ଶତପଥୀ,ସିଲୁ ପାଣିଗ୍ରାହୀ, ସୂର୍ଯ୍ୟନାରାୟଣ ନାୟକ, ରାକେଶ ପ୍ରଧାନ, ପ୍ରଶ୍ନ ନାୟକ, ରାଜେନ୍ଦ୍ର ଖଟେଇ, ସାମିଲ ହୋଇଥିଲେ।

# ବ୍ରହ୍ମପୁର ରେଳଷ୍ଟେଶନ ସମ୍ମୁଖରେ ବିକ୍ଷୋଭ

ବ୍ରହ୍ମପୁର ଅଫିସ୍,୧୨।୬



ବ୍ରହ୍ମପୁର ରେଳ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବାହାନଗା ଟ୍ରେନ୍ ଦୁର୍ଘଟଣାର ଏସ୍‌ଆଇଟି ତଦନ୍ତ ଦାବି
- ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ବାହାନଗା ଟ୍ରେନ୍ ଦୁର୍ଘଟଣାର ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ସମେତ ଅନ୍ୟାନ୍ୟ ଦାବି ସମୂହକୁ ନେଇ ସୋମବାର ବ୍ରହ୍ମପୁର ରେଳ ଷ୍ଟେଶନ ସମ୍ମୁଖରେ ବିଭିନ୍ନ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଏମ, ସିପିଆଇ, ସିପିଆଇଏମ ରେଡ଼ ଷ୍ଟାର ଓ ଆପ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ପ୍ରବନ୍ଧକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସିପିଏମ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏଥିରେ ଯୋଗ ଦେଇ କହିଥିଲେ ଯେ, ବାହାନଗା ଦୁର୍ଘଟଣା କେନ୍ଦ୍ର ସରକାରଙ୍କ ରେଳ ବିଭାଗ ପ୍ରତି ଚରମ ଅବହେଳାର ପରିଣତି। ୨୦୨୨ରେ ସିଏଜି ରେଳ ବିଭାଗରେ ଟ୍ରାକ ପରିବର୍ତ୍ତନ, ସିଗନାଲିଙ୍ଗ, ପାସେଞ୍ଜର ନିରାପତ୍ତା, ଖାଲିପଦବୀ ପୂରଣ କ୍ଷେତ୍ରରେ ଥିବା ତ୍ରୁଟିକୁ ଉଲ୍ଲେଖ କରିବା ସହିତ ଅତିଶୀଘ୍ର ଏହାର ନିରାକରଣ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସୁପାରିଶ କରିଥିଲେ। କିନ୍ତୁ ସରକାର ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ସେଫ୍ଟି ବାବଦୀୟ ବରାଦକୁ ହ୍ରାସ କରିଛନ୍ତି। ତେଣୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟିଚାଲିଛି। କେନ୍ଦ୍ରସରକାର ଓ ରେଳବିଭାଗ ନିଜର ଦୁର୍ବଳତାକୁ ଘୋଡାଇବା ପାଇଁ ବୋଲକରା ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ସିବିଆଇ ତଦନ୍ତ ବାତିଲ କରି ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ ଏସଆଇଟି ତଦନ୍ତ ପାଇଁ ପଟ୍ଟନାୟକ ଦାବି କରିଥିଲେ। ସେହିପରି ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ, ପରିବାରରୁ ଜଣକୁ ଚାକିରି, ରେଳବାଇରେ ଖାଲି ପଡିଥିବା ୩ ଲକ୍ଷ ୧୨ ହଜାର ପଦବୀ ପୂରଣ, ନିରପେକ୍ଷ ତଦନ୍ତ ପାଇଁ ରେଳମନ୍ତ୍ରୀଙ୍କ ଇସ୍ତଫା ଓ ବ୍ରହ୍ମପୁରରୁ ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ ଓ ଦିଲ୍ଲୀକୁ ଟ୍ରେନ ଚଳାଚଳ, ପାସେଞ୍ଜର ଟ୍ରେନ ଭଡା ଲାଗୁ ଏବଂ ବ୍ରହ୍ମପୁର ରେଳ ଷ୍ଟେସନରେ କୋଚ କ୍ଲିନିଙ୍ଗ ବ୍ୟବସ୍ଥା ଆରମ୍ଭ ପାଇଁ ଦାବି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରକାଶ ପାତ୍ର, ସିପିଏମ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା, କୈଳାସ ଷଡଙ୍ଗୀ, ହରୀକୃଷ୍ଣ ରେଡି, ଦିବ୍ୟାଧର ଜେନା, ରାମ ନାୟକ, ଦିଲିପ ଛୋଟରାୟ, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ସିପିଆଇ ନେତା, ପ୍ରଶାନ୍ତ ପାଟଯୋଶୀ, ନାରାୟଣ ରେଡି, ପ୍ରଦୀପ ସେଠି, କାମଦେବ ପାହାନ, ସିପିଆଇଏମ ରେଡ଼ ଷ୍ଟାରର ପାର୍ବତୀ, ଆପର ଆଦିତ୍ୟ ରଥ ଓ ସୁବାଷ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ହରେନ


@ ଅଂଶୁମାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୬ରୁ ବରିଷ୍ଠ ନାଗରିକ ମଞ୍ଚର ଧାରଣା

ବ୍ରହ୍ମପୁର ଅଫିସ,୧୨।୬



ବୈଠକରେ ଉପସ୍ଥିତ ମଞ୍ଚର ସଦସ୍ୟ ବୃନ୍ଦ।

## ବ୍ରହ୍ମପୁର-ପୁରୀ ଟ୍ରେନ ଚଳାଚଳ ଦାବି

ବ୍ରହ୍ମପୁର- ପୁରୀ ସିଧାସଳଖ ଟ୍ରେନ ଚଳାଚଳ ଦାବି ନେଇ ଆସନ୍ତା ୧୬ ତାରିଖରୁ ୧୯ ତାରିଖ ଯାଏ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେଶନ ସମ୍ମୁଖରେ ଗଣଧାରଣା ଦିଆଯିବ। ଏ ନେଇ ମଞ୍ଚ ପକ୍ଷରୁ ସୋମବାର ବିଜିପୁର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ବ୍ରହ୍ମପୁର ରେଳ ଷ୍ଟେଶନ ଟିକେଟ ବିକ୍ରି କ୍ଷେତ୍ରରେ ଅଧିକ ଆୟ ଦେବାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି। ରାଉରକେଲା-ପୁରୀ, ପାରାଦ୍ୱୀପ-ପୁରୀ, କଟକ-ପୁରୀ, ସମ୍ବଲପୁର-ପୁରୀ, ଅନୁଗୁଳ-ପୁରୀ, ତାଳଚେର-ପୁରୀ, ଖୋର୍ଦ୍ଧା ରୋଡ-ପୁରୀ ସିଧାସଳଖ ଟ୍ରେନ ଚଳାଚଳ କରୁଥିବା ବେଳେ ବ୍ରହ୍ମପୁର-ପୁରୀ ଟ୍ରେନ ଚଳାଚଳ ଦାବି ପ୍ରତି ରେଳବିଭାଗ ଉପେକ୍ଷା କରୁଥିବା ମଞ୍ଚ ଅଭିଯୋଗ କରିଛି। ଏହା ବିରୋଧରେ ଗଣଧାରଣା ପାଇଁ ନିଷ୍ପତ୍ତି ହୋଇଥିବା ମଞ୍ଚର ସଭାପତି ତ୍ରିନାଥ ମହାରଣା କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରମୋଦ କୁମାର ପଟ୍ଟନାୟକଙ୍କ ସମେତ କାମରାଜୁ ମହାରଣା, ବିଜୟ ଚନ୍ଦ୍ର ଚୌଧୁରୀ, ରବିନ୍ଦ୍ର କୁମାର ସାହୁ, ବିଜୟ ଚନ୍ଦ୍ର ଚୌଧୁରୀ ଓ ସୀମାଞ୍ଚଳ ପତି ପ୍ରମୁଖ ଉପସ୍ଥିତ ଥିଲେ।

## କଲର ବେଲ୍ଟ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୧୨।୬

ଧର୍ମନଗର ସ୍ଥିତ ବ୍ରହ୍ମପୁର ଟାଏକୋଣ୍ଡୋ ଟ୍ରେନିଂ ସ୍କୁଲ ପକ୍ଷରୁ କଲର ବେଲ୍ଟ ପ୍ରତିଯୋଗିତା କୋଚ ଜନୋଜ କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ହୋଇଯାଇଛି। ପ୍ରତିଯୋଗିତାରେ ୫୫ ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ । ଅନ୍ତର୍ଜାତିକ କୋଚ ତଥା ଜିଲା ସମ୍ପାଦକ କେ.ମନୋଜ ପ୍ରଧାନ ପରୀକ୍ଷକ ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀମାନଙ୍କ ପରୀକ୍ଷା କରି ଆବଶ୍ୟକ ସ୍ଥଳେ ନୂତନ କୌଶଳ ଓ ଉପଦେଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲା ହୋପ୍ ଟାଏକୋଣ୍ଡୋ ସଂଘ କୋଚ ସିଏଚ ପ୍ରସାଦ ନାୟକ ସହଯୋଗ କରିଥିଲେ। ଏହି ଅବସରରେ ଦକ୍ଷିଣ କୋରିଆର କୁକିୟାନସ୍ଥିତ ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟାଳୟ ଦ୍ୱାରା ପ୍ରଦତ୍ତ ପ୍ରଥମ ଡାନ ବ୍ଲାକ ବେଲ୍ଟ ସ୍ନେହସିସ୍ ମହାପାତ୍ର, ତନୁଷ ଦାସ ଓ ତନିଷ୍କ ସାହୁଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଟାଇକୋଣ୍ଡୋ ଟ୍ରେନିଙ୍ଗ ସ୍କୁଲର ଆଦିତ୍ୟ ନାୟକ, ଅଙ୍କିତ କୁମାର ମହାରଣା ଉପସ୍ଥିତ ରହିଥିଲେ।

# ତାଲାବନ୍ଦ ଘରୁ ଚୋରି ଘଟଣା, ୫ ଗିରଫ


ଗିରଫ ଅଭିଯୁକ୍ତମାନେ।

ବ୍ରହ୍ମପୁର ଅଫିସ,୧୨।୬

## ଚୋରି ସୁନାଗହଣା ଜବତ

ଟାଉନ ଥାନା ଅନ୍ତର୍ଗତ ତୁଳସୀନଗର ଅଷ୍ଟମ ଲାଇନରେ ରହୁଥିବା ସିଏଚ.ଭାସ୍କର ରାଓ ଆଚାରୀଙ୍କ ଘରୁ ଗତ ୨୫ ତାରିଖରେ ସୁନାଗହଣା ଓ ଟଙ୍କା ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ୪ ଲୁଟିଆଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଷାଣିନୁଆଗାଁ ଥାନା ଅନ୍ତର୍ଗତ ସୋମନାଥ ନଗର ଖଜୁରିଆ ରୋଡର ଶେଖ ଆଶୁ, ଟାଉନ ଥାନା ଅନ୍ତର୍ଗତ ନିଳାଦ୍ରୀବିହାର ୫ମ ଲାଇନର ଇରଫାନ ବେଗ, ନିମଖଣ୍ଡି ଥାନା ଅନ୍ତର୍ଗତ ଶକ୍ତିନଗର ମହମ୍ମଦ ବାଶିର, ସୋମନାଥନଗରର ଶେଖ ସମୀର ଓ ଚୋରି ସାମଗ୍ରୀ କ୍ରୟ କରିଥିବା ବଡବଜାର ଥାନା ଅନ୍ତର୍ଗତ ବାଲାଜୀପେଣ୍ଠର ଜାକିର ହୁସେନ ମଲ୍ଲିକ। ସେମାନଙ୍କ ନିକଟରୁ ଏକ ରୁପା ବିସ୍କୁଟ, ୫୦ ଗ୍ରାମର ସୁନା ଗହଣା ଜବତ କରିଛି। ଭାସ୍କରଙ୍କ ଘରେ ତାଲା ପଡ଼ିଥିବା ଜାଣିବା ପରେ ଶେଖ ଆଶୁ ଚୋରି କରିବାକୁ ଷଡ଼ଯନ୍ତ୍ର କରିଥିଲେ। ପରେ ତାଙ୍କ ନେତୃତ୍ୱରେ ଚୋରି ହୋଇଥିଲା ବୋଲି ଅଭିଯୁକ୍ତଙ୍କୁ ଜେରା ବେଳେ ପୋଲିସ ଜାଣିବାକୁ ପାଇଛି। ମାମଲା ନଂ. ୧୯୯/୨୩ ରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗତ ୨୧ ତାରିଖରେ ସିଏଚ . ଭାସ୍କର ରାଓ ଆଚାରୀ ଘରେ ତାଲା ପକାଇ ନିଜ ପରିବାର ସହ ସୀମାଞ୍ଚଳମ ନୃସିଂହନାଥ ଦର୍ଶନ ପାଇଁ ଯାଇଥିଲେ। ତାଙ୍କ ଘରେ କାମ କରୁଥିବା ମହିଳା ୨୫ତାରିଖରେ ଘରକୁ ଯାଇଥିବା ବେଳେ ଗ୍ରୀଲ ଓ ଭିତର କବାଟ ଖୋଲାଥିବା ଦେଖି ଗୃହକର୍ତ୍ତା ଭାସ୍କରଙ୍କୁ ଫୋନ କରି ଜଣାଇଥିଲେ। ଭାସ୍କର ବ୍ରହ୍ମପୁରରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କୁ ଏହା ଜଣାଇଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

# ମାସିକ ୧୫ ହଜାର ଦେବାକୁ କୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୧୨।୬

## ଘରୋଇ ହିଂସା ମାମଲା

ଏକ ଘରୋଇ ହିଂସା ମାମଲାର ବିଚାର କରି ଜେଏମ୍‌ଏଫସି(ଟ୍ରାନ୍ସପୋର୍ଟ) ଜଣେ ମହିଳାଙ୍କୁ ମଧ୍ୟବର୍ତ୍ତିକାଳୀନ ଆଶ୍ୱାସନା ଦେଇଛନ୍ତି। ସ୍ତ୍ରୀଙ୍କ ଭରଣପୋଷଣ ପାଇଁ ସ୍ୱାମୀ ମାସିକ ଖାଦ୍ୟପେୟ ବାବଦରେ ୬ ହଜାର ଟଙ୍କା, ମେଡିକାଲ ଖର୍ଚ୍ଚ ବାବଦରେ ୫ ହଜାର ଟଙ୍କା, ଘରଭଡ଼ା ବାବଦରେ ୪ ହଜାର ଏପରି ମୋଟ ୧୫ ହଜାର ଟଙ୍କା ଦେବା ପାଇଁ କୋର୍ଟ ଅନ୍ତରୀଣ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। ଛତ୍ରପୁର ଷ୍ଟେଶନ ରୋଡ ଅଞ୍ଚଳର ତାରାକାନ୍ତ ରଥଙ୍କ ଝିଅ ମୋନାଲିସା ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରିର ଶକ୍ତିଶଙ୍କର ବକ୍ସିଙ୍କୁ ୨୦୧୩ରେ ବିବାହ କରିଥିଲେ। ଉଚ୍ଚ ଶିକ୍ଷିତା ମୋନାଲିସା ଶିକ୍ଷକତା କରୁଥିଲେ। ସ୍ୱାମୀ ବାଙ୍ଗଲୋରରେ ଏକ ସଫ୍ଟୱାର କମ୍ପାନୀରେ କାର୍ଯ୍ୟ କରୁଥିବାରୁ ବିବାହ ପରେ ମୋନାଲିସା ତାଙ୍କ ସହ ସେଠାକୁ ଯାଇଥିଲେ। ବାଙ୍ଗାଲେରରେ ତାଙ୍କର ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା। କରୋନା ମହାମାରି ଯୋଗୁ ମୋନାଲିସା ସ୍ୱାମୀଙ୍କ ସହ ଭୀଷ୍ମଗିରିକୁ ପଳାଇ ଆସିଲେ। ତାଙ୍କୁ ତାଙ୍କୁ ନିର୍ଯାତନା ଦିଆଯିବାରୁ ମାନସିକ ଅବସ୍ଥା ଖରାପ ହେଲା। ଶେଷରେ ସେ ପକ୍ଷାଘାତରେ ପୀଡ଼ିତ ହେଲେ। ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହୋଇଥିବା ଜାଣିବା ପରେ ମୋନାଲିସାଙ୍କ ବାପା ତାଙ୍କୁ ନିଜ ଘରକୁ ନେଇଥିଲେ। କରୋନା କଟକଣା ହଟିବା ପରେ ସ୍ୱାମୀ ବାଙ୍ଗାଲୋର ପଳାଇଲେ। ଏହାପରେ ମୋନାଲିସା ତାଙ୍କ ସ୍ୱାମୀ ପାଖକୁ ଯିବା ପାଇଁ କହିଥିଲେ। ହେଲେ ତାଙ୍କୁ ସ୍ୱାମୀ ନିଜ ପାଖକୁ ନେଲେ ନାହିଁ। ମୋନାଲିସା ବାଧହୋଇ ୨୦୨୨ ନଭେମ୍ବର ୨୬ରେ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ବିଚାର ପ୍ରକ୍ରିୟା ବିଳମ୍ବ ହେବ ଆଶାକରି ମୋନାଲିସା ୨୦୨୩ ଏପ୍ରିଲ ୪ ତାରିଖରେ ଅନ୍ତରୀଣ ସହାୟତା ପାଇଁ ପିଟିସନ ଦାଖଲ କରିଥିଲେ ବୋଲି ତାଙ୍କ ଓକିଲ ପ୍ରଦୀପ କୁମାର ବେହେରା କହିଛନ୍ତି।

## ୨ ଲକ୍ଷ ଝାମ୍ପିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର ଅଫିସ,୧୨।୬

ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ମୁଖ୍ୟ ରାସ୍ତାରେ ସୋମବାର ଜଣେ ଯୁବକଙ୍କଠାରୁ ୨ ଲକ୍ଷ ଲୁଟ ହୋଇଛି। ଗୋଟିଏ ବାଇକ୍‌ରେ ୨ ଦୁର୍ବୃତ୍ତ ଆସି ବିଶ୍ୱଜିତ ଘଡେଇଙ୍କ ଠାରୁ ପ୍ରାୟ ୨ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ନେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ ଦେଖି ତଦନ୍ତ କରୁଛି। ବିଶ୍ୱଜିତ କୌଣସି କାମ ପାଇଁ ଏସ୍‌ବିଆଇ ମୁଖ୍ୟ ଶାଖାରୁ ୨ଲକ୍ଷ ଟଙ୍କା ଉଠାଇ ଫେରୁଥିଲେ।

# ୧୭୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୧୨।୬

## କଣ୍ଟେନର, କାର୍ ଜବତ

ଅବକାରୀ ଗୋଇନ୍ଦା ଟିମ୍ ସୋମବାର ଓଡିଶା -ଆନ୍ଧ୍ର ସୀମାନ୍ତ ଗିରିସୋଲା ନିକଟରୁ ଏକ କଣ୍ଟେନର ଓ ଗୋଟିଏ କାରରୁ ଗଞ୍ଜେଇ ଜବତ କରିଛି। କାରରେ ଗଞ୍ଜେଇ ଚାଲାଣ କରୁଥିବା ଯୁବକଙ୍କୁ ଯାଞ୍ଚ ଟିମ୍ ଗିରଫ କରିଥିବା ବେଳେ କଣ୍ଟେନର ଚାଳକ ଫେରାର ଥିବା ସୂଚନା ମିଳିଛି। ଗିରଫ ଯୁବକ ଜଣକ ହେଲେ ଦଶପଲ୍ଲା ସିମିଳି ସାହିର ନାରାୟଣ ପ୍ରଧାନ(୨୮)। ନାରାୟଣ ଗଜପତିରୁ ଗଞ୍ଜେଇ ଆଣି ଟିକିଟି ଦେଇ ଭୁବନେଶ୍ୱର ଚାଲାଣ କରିଥାନ୍ତେ ବୋଲି ଜେରାରୁ ଜଣାପଡିଛି। ଗଜପତିରୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ରବିବାର ବିଳମ୍ବିତ ରାତ୍ରରେ ଖବର ମିଳିଥିଲା। ସେହିପରି ସୋମବାର ଭୋରରେ ଗୋଇନ୍ଦା ଇନ୍ସପେକ୍ଟର ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ଏକ ଟିମ ଗିରିସୋଲାରେ ଯାନବାହନ ଯାଞ୍ଚ କରିଥିଲା। ରାସ୍ତା କଡ଼ରେ ଦୀର୍ଘସମୟ ଛିଡ଼ା ହୋଇଥିବା କଣ୍ଟେଇନର (ଡବ୍ଲୁବି-୨୩ସି-୫୧୪୭)କୁ ଉକ୍ତ ଟିମ ଯାଞ୍ଚ କରିଥିଲା।



ଗିରଫ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ କଣ୍ଟେଇନର।

ତେବେ ୫ ସେଥିରେ ଜେ ସେଥିରେ କୁଣ୍ଡା ବୋଝେଇ ହୋଇଥିଲା। ଅଧିକ ଯାଞ୍ଚ ବେଳେ ସେଥି ଭିତରେ ୩ଟି ବସ୍ତାରେ ଥିବା ୭୦କେଜି ଗଞ୍ଜେଇ ରହିଥିଲା। ଟିମକୁ ଦେଖି କଣ୍ଟେନରରେ ଗଞ୍ଜେଇ ଚାଲାକାରୀ ଚମ୍ପଟ ମାରିଛନ୍ତି। ସେଠାରୁ ଟିମ ଫେରୁଥିବା ବେଳେ ଟିକିଟି - ସୋରଳ ଜଙ୍କଶନରେ କାର ( ଓଆର ୦୨ ବିଏଫ ୫୭୮୫)କୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୧୦୦ କେଜି ଗଞ୍ଜେଇ ଜବତ ହୋଇଛି।

# ଶିଶୁ ଶ୍ରମମୁକ୍ତ ସମାଜ, ଓଡ଼ିଶା ଗଠନ ପାଇଁ ଆହ୍ୱାନ

ବ୍ରହ୍ମପୁର ଅଫିସ,୧୨।୬

ଗଞ୍ଜାମ ଜିଲା ପ୍ରଶାସନ, ଶ୍ରମ ବିଭାଗ ଓ ଆଇଏସଆରଡ଼ି -ଚାଇଲ୍ଡ ଲାଇନର ମିଳିତ ଆନୁକୁଲ୍ୟରେ ଅନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଶାଳ ଯୁବ ପଦଯାତ୍ରା ବ୍ରହ୍ମପୁରସ୍ଥିତ ଗୋକୁଳଧାମ ଠାରୁ ବାହାରି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହାକୁ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶିଶୁ ଶ୍ରମ ମୁକ୍ତ ସମାଜ ଓଡିଶା ଗଠନ ପାଇଁ ସମସ୍ତଙ୍କୁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏବଂ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ଶ୍ରମିକ କାର୍ଯ୍ୟରୁ ନିବୃତ୍ତ କରି ମୁଖ୍ୟ ସ୍ରୋତକୁ ଆଣି ବାଧ୍ୟତାମୂଳକ ଭାବେ ଶିକ୍ଷାର ବ୍ୟବସ୍ଥାକୁ ସଦୁପଯୋଗ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶତାଧିକ ଯୁବକ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀମାନଙ୍କୁ ନେଇ ମାନବଶୃଙ୍ଖଳ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ଡେପୁଟି କମିଶନର ବିନୋଦ କୁମାର ବେହେରା, ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ନାଥ ତ୍ରିପାଠୀ, ରେଳଷ୍ଟେଶନ ମ୍ୟାନେଜର ଦୁର୍ଗା ପ୍ରସାଦ ବ୍ରହ୍ମା, କର୍ପୋରେଟର ପାର୍ବତୀ ପ୍ରଧାନ, ନେହେରୁ ଯୁବକେନ୍ଦ୍ର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ନବୀନ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ, ଅତିରିକ୍ତ ଶ୍ରମ ଅଧିକାରୀ ଦିବ୍ୟରାଣୀ ବେହେରା, ସ୍ନେହଲତା ବେହେରା, ବର୍ଷାରାଣୀ ଜେନା, କେଦାରନାଥ ଚୌଧୁରୀ, ସୁଶାନ୍ତ ସାବତ, ପୂର୍ଣ୍ଣଚନ୍ଦ୍ର ପଟେଲ, ଡା. ଦେବାନନ୍ଦ ଦାଶ, ଦେବେଶ ସାମନ୍ତରାୟ, ମହେଶ୍ୱତା ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଆଇଏସଆରଡ଼ି-ଚାଇଲଡଲାଇନ ନିର୍ଦ୍ଦେଶକ ସୁଧୀର ସାବତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେ କହିଥିଲେ ଯେ, ଚାଇଲ୍ଡ ଲାଇନ ତରଫରୁ ୨୨୭ ଜଣଙ୍କୁ ବିଭିନ୍ନ ହୋଟେଲ, ଗ୍ୟାରେଜ ଓ ଅନ୍ୟ କର୍ମ ସଂସ୍ଥାନରୁ ଉଦ୍ଧାର କରାଯାଇଛି। ଗଞ୍ଜାମ ଜିଲାର ଅନେକ ଶିଶୁ ରାଜ୍ୟ ବାହାରକୁ ପଳାଇ ଯାଇଛନ୍ତି ବୋଲି ସାବତ ପ୍ରକାଶ କରିଥିଲେ। ଏଥିପାଇଁ ରାଜ୍ୟ ସରକାର ଗ୍ରାମ୍ୟ ସ୍ତରରୁ ସର୍ଭେ ଆରମ୍ଭ କରିବା ଦରକାର ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସାମନ୍ତରା ଏକାଡେମୀର ଛାତ୍ର ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଯଥା ସ୍ଲୋଗାନରେ କେ. ସି. ପବ୍ଲିକ ସ୍କୁଲର ଭବ୍ୟ ଭାଗ୍ୟଶ୍ରୀ ସାହୁ, ପ୍ରିୟଦର୍ଶିନୀ ରାଉତରାୟ, ବିନୀତ କୁମାର ପାର୍ସ ଓ ଗୀତା ପ୍ରତିଯୋଗୀତାରେ ଦିବ୍ୟଜ୍ୟୋତିତ୍ରିପାଠୀ, ଶ୍ରୀୟା ରାଣୀ ନାୟକ, ସ୍ମିତାପ୍ରଜ୍ଞା ରଥ ପୁରସ୍କୃତ ହୋଇଥିଲେ। ସଖୀ ୱାନ ଷ୍ଟପ ସେଣ୍ଟରର ସ୍ନେହାମାୟୀ ପାଢ଼ୀ, ପ୍ରୀତି ସରିତା ଓ ଆସ୍କିଲା ରାଇକା ପ୍ରମୁଖ ପରିଚାଳନା କରିଥିଲେ।


ସହରରେ ବାହାରିଥିବା ପଦଯାତ୍ରା।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

